# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 14th August - 2025
**************************************

*Desk*

## ରାଷ୍ଟ୍ରପତି ଉଦ୍‌ବୋଧନ

ଦେଶ ଆସନ୍ତାକାଲି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରିବ । ଏହା ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ । ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ଉଭୟ ହିନ୍ଦୀ ଓ ଇଂରାଜୀରେ ଏହାର ସିଧା ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପରେ ଦୂରଦର୍ଶନରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍ ସମୟରେ ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ ।

ସ୍ୱାଧୀନତା ଦିବସ ଉପଲକ୍ଷେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧନ କରିବେ ।

***BBSR/R***

## ଧାନ ପଞ୍ଜୀକରଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖରିଫ୍ ଧାନ ସଂଗ୍ରହପାଇଁ ହେଉଥିବା ଚାଷୀ ପଞ୍ଜୀକରଣ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି । ବୈଠକରୁ ଜଣାପଡ଼ିଛି, ଏହି ପ୍ରକ୍ରିୟାରେ ୧୧ ଲକ୍ଷ ୫୦ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି । ରାଜ୍ୟରେ ଖରିଫ୍ ଋତୁ ଧାନ ସଂଗ୍ରହପାଇଁ ପଞ୍ଜୀକରଣ ପ୍ରକ୍ରିୟା ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଚାଷୀ ପଞ୍ଜୀକରଣ ବୃଦ୍ଧିପାଇଁ ସମବାୟ ବିଭାଗ ରବିବାର ଓ ସରକାରୀ ଛୁଟିଦିନମାନଙ୍କରେ ମଧ୍ୟ ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନେଇଛି ।

***Desk***

## ରକ୍ତଦାନ ସଚେତନତା

ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନତା ସୃଷ୍ଟି କରିବା ଉପରେ ରାଜ୍ୟପାଳ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ରାଜ୍ୟଶାଖାର ଅଧ୍ୟକ୍ଷ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି । ରାଜଭବନର ନୂଆ ଅଭିଷେକ ହଲ୍‌ରେ ଆୟୋଜିତ କାର୍ଯ୍ୟନିର୍ବାହୀ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ବର୍ଷକୁ ୨ରୁ ୩ ଥର ରକ୍ତଦାନ ଶିବିର ଆୟୋଜନ ସହ ଛାତ୍ରଛାତ୍ରୀଙ୍କୁ ରକ୍ତଦାନ

ଅଭିଯାନରେ ସାମିଲ୍ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି ।

***Cuttack/R***

## ଗୌଡ଼ୀୟ ବୈଷ୍ଣବ ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଜିର ଅର୍ଥସର୍ବସ୍ୱ ସମାଜରେ ଚେତନାର ଜାଗରଣ ଏକ ଅମୂଲ୍ୟ ସମ୍ପଦ ବୋଲି କହିଛନ୍ତି ।

***BBSR/R***

## ଶୀତଳଭଣ୍ଡାର

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଶୀତଳଭଣ୍ଡାରର ନିର୍ମାଣ ଓ ଏହାର କାର୍ଯ୍ୟକ୍ଷମତା ନେଇ ଭୁବନେଶ୍ୱର ଲୋକସେବା ଭବନରେ ସମୀକ୍ଷା କରିଛନ୍ତି । ଶ୍ରୀ ସିଂହଦେଓ କୃଷି ଭିତ୍ତିଭୂମି ସୁଦୃଢ଼ କରିବା ସହ କୃଷକମାନଙ୍କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ପୂର୍ବରୁ ପ୍ରତି ସବ୍‌ଡିଭିଜନ୍‌ରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାର ଅନୁମୋଦନ ଦେଇଥିଲେ ।

***Desk***

# ଚାରାରୋପଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ସେପ୍ଟେମ୍ବର ୧୭ ତାରିଖରେ 'ମା' ପାଇଁ ଗଛଟିଏ' ଯୋଜନା ଅଧୀନରେ ସାରା ରାଜ୍ୟରେ ଗୋଟିଏ ଦିନରେ ୭୫ ଲକ୍ଷ ଚାରା ରୋପଣ କରାଯିବ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୋଟିଏ ଦିନରେ ୧୫ ଲକ୍ଷ ଚାରା ରୋପଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ ୫ ଶହ ଚାରା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି ।

***BBSR/R***

# ମିଶନ ଶକ୍ତି

ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନର ସମ୍ମିଳନୀ କକ୍ଷରେ 'ମୂଲ୍ୟ ବୃଦ୍ଧୀକରଣ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା' ପ୍ରକଳ୍ପ ଅଧୀନରେ ମାଣ୍ଡିଆ, ଚାଉଳ କଳ ପରିଚାଳନା ଆଦି ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ସକ୍ରିୟ ଅଂଶଗ୍ରହଣ ଉପରେ ଆଲୋଚନା କରାଯାଇଛି ।

*IPR*

# ଡିଜିଟାଲ୍ ସେବା

ଡିଜିଟାଲ ସେବାର ମୂଳକେନ୍ଦ୍ରରେ ନାଗରିକଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଗୁରୁତ୍ୱାରୋପ କରିଛନ୍ତି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ସଚେତନତା କର୍ମଶାଳାରେ ସୁଗମ ଓ ସମାବେଶୀୟ ପ୍ଲାଟ୍‌ଫର୍ମ ସୃଷ୍ଟି କରିବାକୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି ହୋଇଛି ।

*IPR*

# ଅର୍ଥନୀତି

ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଓ ସ୍ଥିରତା ତଥା ବିଭିନ୍ନ ଯୋଜନାର ଗୁଣାତ୍ମକ ମାନ ସମ୍ପର୍କରେ ଭୁବନେଶ୍ୱର ଖାରବେଳ ଭବନରେ ଆଲୋଚନା ହୋଇଛି । ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଲେଖକ କାର୍ତ୍ତିକ ମୁରଲୀଧରନ୍ ଏକ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରି ଶିକ୍ଷା, ଲୋକ ପ୍ରଶାସନ ଏବଂ ତଥ୍ୟଭିତ୍ତିକ ନୀତି ଉପରେ ଆଲୋକପାତ କରିଥିଲେ ।

*Bhadrak/R*

# ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ଗସ୍ତ

ରାଜ୍ୟ ମତ୍ସ୍ୟ ସମ୍ପଦ ବିଭାଗ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଗେଲପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ତଦାରଖ କରିବା ସହ ସେବା ସମବାୟ କେନ୍ଦ୍ର, ପାନୀୟ ଜଳ ପ୍ରକଳ୍ପ ଓ ଆହାର କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ ।

*IPR*

# ରେଳ - ମାଲ୍ ପରିବହନ

ଦେଶର ପ୍ରଥମ ରେଳ ଜୋନ୍ ଭାବେ ପୂର୍ବତଟ ରେଳପଥ ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ ସାମଗ୍ରୀ ପରିବହନ କରି ରେକର୍ଡ଼ ହାସଲ କରିଛି । ଗତବର୍ଷ ତୁଳନାରେ ୧୪୮ ଦିନ ପୂର୍ବରୁ ସାମଗ୍ରୀ ପରିବହନ କ୍ଷେତ୍ରରେ ୧୦ ଦଶମିକ ୭ ପ୍ରତିଶତ ବୃଦ୍ଧି ଘଟିଛି । କୋଇଲା, ଲୁହାପଥର, ସିମେଣ୍ଟ, ସାର ଓ ଖାଦ୍ୟଶସ୍ୟ ଲୋଡ଼ିଂରେ ଗତବର୍ଷ ତୁଳନାରେ ଚଳିତବର୍ଷ ଅଭିବୃଦ୍ଧି ଘଟିଛି । ଦେଶର ୧୭ଟି ରେଳ ଜୋନ୍ ମଧ୍ୟରେ ପୂର୍ବତଟ ରେଳପଥକୁ ଏହି ସଫଳତା ମିଳିଛି ।

***Nuapada/R***

# ଫୁଟ୍‌ବଲ୍

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ୍ ଖେଳପଡ଼ିଆଠାରେ ଷୋଡ଼ଶ ରାଜା ଅନୁପ ସିଂହଦେଓ ମେମୋରିଆଲ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଯମଖୁନ୍ତା ଦଳ ଫାଇନାଲ୍‌କୁ ଉନ୍ନୀତ ହୋଇଛି । ଗତକାଲି ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ଯମଖୁନ୍ତା ଦଳ ୧-୦ ଗୋଲ୍‌ରେ ମଣ୍ଡଳ ଦଳକୁ ପରାସ୍ତ କରିଥିଲା ।

***Desk***

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଗତକାଲି କୋରାପୁଟରେ ସର୍ବାଧିକ ୨୪ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****